# Akashvani, Sambalpur

# SAMBALPURI NEWS BULLETIN

## 26 July 2024- 6.47- 6.52 am.

*********************************************

୧- ଦେଶର୍ ବିକାଶ୍ ଦିଗେ ଦେଖାଦେଉଥିବା ଫି’ ଆହ୍ୱାନ୍‌ର ମୁକାବିଲା କର୍‌ବାର୍ ଲାଗି ଭାରତ୍ ସାମର୍ଥ୍ୟ ରଖିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- କାର୍‌ଗିଲ୍ ଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଆର୍ ପ୍ରଧାନ୍‌ମନ୍ତ୍ରୀ ଶହୀଦ୍ ବୀର ଜବାନ୍‌ଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ହେବା ନୀତି ଆୟୋଗ୍‌ର ବୈଠକ୍ ।

- ଯୋଗ୍ ଦେବେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ବିଧାନ୍‌ସଭାର୍ ୫ ନମ୍ବର୍ ଦିନେ ସ୍ୱାଭାବିକ୍ ଭାବେ ଚାଲ୍‌ଲା ଗୃହ କାମ୍ ।

- ଆଏବା ସୋମ୍‌ବାର୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍ନା କଲେ ବାଚସ୍ପତି ।

ଆଉର୍

୪- ସୋନ୍‌ପୁର୍ ଆର୍ କେନ୍ଦୁଝର୍ ନ ଥାପ୍‌ନା ହେବା ନୂଆଁ ଇ.ଏସ୍.ଆଇ. ହସ୍ପିଟାଲ୍ ।

କାର୍‌ଗିଲ୍ ବିଜୟ ଦିବସ୍ -ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶ୍ ଆଏଜ୍ କାର୍‌ଗିଲ୍ ବିଜୟ ଦିବସ୍ ପାଲନ୍ କରୁଛେ । ୧୯୯୯ ମସିହା ନ ୮୪ ଦିନର୍ ଯୁଦ୍ଧ ଥି ସାରା ବିଶ୍ୱ ଦେଖିଥିଲା ଭାରତୀୟ ସେନାର ସୌର୍ଯ୍ୟ ଆର୍ ପରାକ୍ରମ । କାର୍‌ଗିଲ୍ ଯୁଦ୍ଧଥି ପାକିସ୍ଥାନ୍‌କେ ଭାରତୀୟ ସେନା ପରାଜିତ କରିଥିଲେ । ଇ ଯୁଦ୍ଧଥି ୫ ଶହ ୨୭ ଝନ୍ ଜବାନ୍ ଶହୀଦ୍ ହେଇଥିବାର୍ ବେଲେ ୧ ହଜାର୍ ୩ ଶହ ୬୩ ଝନ୍ ଆହତ୍ ହେଇଥିଲେ । ବୀର ଜବାନ୍‌ଙ୍କର୍ ବଳିଦାନ୍ ଲାଗି କାର୍‌ଗିଲ୍‌ର ଟାଇଗର୍ ଶୃଙ୍ଗ ନ ଭାରତୀୟ ସେନା ତ୍ରିରଙ୍ଗା ପତାକା ଉଡ଼େଇକରି ବିଜୟ ହାସଲ୍ କରିଥିଲେ । ଇ ଅବ୍‌ସରେ ଲଦାଖର୍ ଦ୍ରାସ୍ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶହୀଦ୍ ଜବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ । ଶ୍ରୀ ମୋଦୀ ଉଦ୍‌ବୋଧନ୍ ଦେଇକରି କହିଛନ୍ ଯେ, ଆମେ ଖାଲି ଯୁଦ୍ଧ ନାଇଁ ଜିତି- ସତ୍ୟ, ସଂଯମତା ଆର୍ ଶକ୍ତି ଭିଲ୍ ପ୍ରଦର୍ଶନ୍ କରିଛୁ । ବିକାଶ୍ ରାସ୍ତାଥି ଆସୁଥିବା

ଫି' ଆହ୍ୱାନ୍‌କେ ଭାରତ୍ ମୁକାବିଲା କର୍‌ବାର୍ ସାମର୍ଥ୍ୟ ରଖିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

କାର୍‌ଗିଲ୍ ବିଜୟ ଦିବସ୍ -ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍‌ଗିଲ୍ ରୌପ୍ୟ ଜୟନ୍ତୀ ଅବ୍‌ସରେ ସହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ରାଷ୍ଟ୍ରପତି କହିଛନ୍ ଯେ, କାର୍‌ଗିଲ୍ ବିଜୟ ଦିବସ୍ ହେଉଛେ । ସଶସ୍ତ୍ର ବଳର ଅଦମ୍ୟ ସାହସ୍ ଆର୍ ଅସାଧାରଣ ପରାକ୍ରମ । ଯୁଦ୍ଧଥି ବିରତ୍ୱ ଦେଖେଇକରି ସହୀଦ୍ ହେଇଥିବା ଜବାନ୍ ମାନ୍‌କୁ ରାଷ୍ଟ୍ର ସମ୍ମାନ୍ ଦେବାର୍ ଇଟା ଗୁଟେ ଅବସର୍ ଆଏ ।

ନୀତି ଆୟୋଗ୍ ସାଧାରଣ ପରିଷଦ୍ ବୈଠକ୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏବା କାଏଲ୍ ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍‌ର ସାଂସ୍କୃତିକ କେନ୍ଦ୍ର ଠାନେ ନୀତି ଆୟୋଗ୍‌ର ୯ ନମ୍ବର୍ ସାଧାରଣ ପରିଷଦ୍ ବୈଠକ୍ ହେବା । ଇଥି

ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆର୍ କେନ୍ଦ୍ରଶାସିତ ଅଂଚଲ୍ର ଉପ-ରାଜ୍ୟପାଲ୍ମାନେ ଯୋଗ୍ ଦେବେ । ଇତାର୍ସହେତେ କେତେ କେନ୍ଦ୍ରମନ୍ତ୍ରୀ ଆର୍ ନୀତି ଆୟୋଗ୍ର ଉପାଧ୍ୟକ୍ଷ ଆର୍ ସଦସ୍ୟମାନେ ସାମିଲ୍ ହେବେ । ଭାରତ୍କେ ବିକଶିତ ରାଷ୍ଟ୍ର ଭାବେ ଗଢ଼୍ବାର୍ ଲାଗି ଇ ବୈଠକ୍ର ବିଷେ 'ବିକଶିତ୍ ଭାରତ୍-୨୦୪୭' ରଖାଯାଇଛେ । ବିକଶିତ ଭାରତ୍ ଉପ୍ରେ ତୟାର୍ କରାଯାଇଥିବା ଦସ୍ତାବିଜ୍କେ ନେଇକରି ଇ ବୈଠକ୍ଥି ଆଲୋଚନା ହେବା ବଲି ସୂଚ୍ନା ମିଲିଛେ । ନୀତିଆୟୋଗ୍ ତର୍ଫୁ କୁହାଯାଇଛେ ଯେ, କେନ୍ଦ୍ର ଆର୍ ରାଜ୍ୟ ସର୍କାର୍ଙ୍କର୍ ଭିତ୍ରେ ସମନ୍ୱୟ ରକ୍ଷା କରିକରି ଗ୍ରାମୀଣ ଆଉ ସହରାଂଚଲ୍ର ଲୋକ୍ମାନ୍କର୍ ଜୀବନ୍ଶୈଲୀଥି ଉନ୍ନତି ଆନ୍ବାର୍ ଦିଗେ କାମ୍ କର୍ବାର୍ ଉପ୍ରେ ଇ ବୈଠକ୍ଥି ଆଲୋଚନା ହେବା । ବିକଶିତ ଭାରତ୍ ଗଠନ୍ ଦିଗେ ରାଜ୍ୟ ମାନ୍କର୍ ଭୂମିକା ବାବ୍ଦେ ଭିଲ୍ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍ଏନ୍ୟୁ/ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନୂଆଦିଲ୍ଲୀ ଗସ୍ତଥି ଯିବେ । ଆଏବା କାଏଲ୍ ନୂଆଦିଲ୍ଲୀ ନ ହେବାର୍କେ ଥିବା ନୀତି

ଆୟୋଗ୍‌ର ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ସାମିଲ୍ ହେବେ । ଇ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଜନାବେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେତେଝନ୍ କେନ୍ଦ୍ରମନ୍ତ୍ରୀ ଭିଲ୍ ଭେଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ୍          ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାର୍ ଅଧିବେଶନ୍ ଚାଲୁଥିବାର୍‌ନୁ ଆଏବା ୨୯ ତାରିଖ୍ ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଜନଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ପ୍ରଶାସନ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଲୁକ୍‌କର୍ ଜାନ୍‌ବାର୍ ଲାଗି ସୂଚ୍‌ନା ଦିଆଯାଇଛେ ।

ହାଇକୋର୍ଟ -ପ୍ରତିଷ୍ଠା ଦିବସ          ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟ ର ୭୭ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଉ ପହେଲା ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ବି.କେ. ରାୟଙ୍କର୍ ଶ୍ରାଦ୍ଧ ଦିବସ୍ ଆଏଜ୍ ହାଇକୋର୍ଟ ପରିସର୍ ନ ପାଳିତ୍ ହେଇଯାଇଛେ । ଇ

ଅବ୍‌ସରେ ହାଇକୋର୍ଟ ପରିସର ନ ଥିବା ଜଷ୍ଟିସ୍ ରାୟଙ୍କର୍ ପ୍ରତିମୂର୍ତିଥି ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଙ୍କର୍ ସହେତେ ଅଲ୍‌ଗା ବିଚାର୍‌ପତିମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ବିଜୟ କୁମାର୍ ମିଶ୍ରଙ୍କର୍ ସହେତେ ଅଲ୍‌ଗା କର୍ମକର୍ତା ଆର୍ ଆଇନ୍‌ଜୀବୀ ପରିଷଦ୍ ତର୍‌ଫୁ ଜଷ୍ଟିସ୍ ରାୟଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ବିଧାନ୍‌ସଭା ଅଧିବେଶନ ଆର୍‌ଏନ୍‌ୟୁ/ସମ୍ବଲପୁର

ବିଧାନ୍‌ସଭା ଅଧିବେଶନର୍ ଆଏଜ୍ ୫ ନମ୍ବର୍ ଦିନେ ଗୃହ କାମ୍ ସ୍ୱାଭାବିକ୍ ଭାବେ ଚାଲିଥିଲା । ପ୍ରଶ୍ନକାଲଥି ଉଚ୍ଚଶିକ୍ଷା, ବିଦ୍ୟାଳୟ ଆର୍ ଗଣଶିକ୍ଷା, ଶିଳ୍ପ, ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ୍ ଆର୍ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆ ବର୍ଗ କଲ୍ୟାଣ୍, ସାମାଜିକ ସୁରକ୍ଷା ବାଗିର୍ ଭିନ୍ ଭିନ୍ ବିଭାଗ୍ ଉପ୍‌ରେ ଆଲୋଚନା ହେଇଥିଲା । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ଆଲୋଚନାଥି ଭାଗ୍ ନେଇକରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ ଯେ, ବହୁତ୍ ଜଲ୍‌ଦି ରାଜ୍ୟର୍ ୧୬ ହଜାର୍ ୫ ଶହ ୧୯ ଟା ପ୍ରାଥମିକ ଆଉ ଉଚ୍ଚପ୍ରାଥମିକ ବିଦ୍ୟାଳୟ ନ ଖାଲି ପଡ଼ିଥିବା

୧୭ ହଜାର୍ ୭ ଶହ ୬୧ ଟା ଶିକ୍ଷକ୍ ପଦ ପୁରା କର୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେବେ । ଇତାର୍‌ଛଡ଼ା ଗୃହ ନ ଶୂନ୍ୟକାଳଥି ବିଧାୟକ୍‌ମାନେ ଭିନ୍ ଭିନ୍ ପ୍ରସଙ୍ଗ୍ ବାଚସ୍ପତିଙ୍କର୍ ନଜର୍‌କେ ଆନିଥିଲେ । ଉପର୍‌ବେଲା ୪ ବଜେ ଗୃହ କାମ୍ ମୁଲ୍ ହେଇଥିବାର୍ ବେଲେ କେତେଟା ବିଭାଗ୍‌ର କାଗଜ୍‌ପତର୍ ଉପସ୍ଥାପନ୍ ହେଇଥିଲା । ଇତାର୍‌ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଆଏବା ସୋମ୍‌ବାର୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

୨ ନୂଆଁ ଇ.ଏସ୍.ଆଇ. ହସ୍ପିଟାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୋନ୍‌ପୁର୍ ଆର୍ କେନ୍ଦୁଝର୍ ନ ୨ ଟା ନୂଆଁ ଇ.ଏସ୍.ଆଇ. ହସ୍ପିଟାଲ୍ ଥାପ୍‌ନା ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସୋନ୍‌ପୁର୍ ଆର୍ କେନ୍ଦୁଝର୍ ସହର୍ ନ ଇ ୨ ଟା ହସ୍ପିଟାଲ୍ ଥାପ୍‌ନା ହେବା । ଇଥିର୍‌ଲାଗି ସେ ଇଲାକାର୍ ଶ୍ରମିକ୍ ଶ୍ରେଣୀର୍ ଲୋକ୍‌ମାନେ ଆର୍ ସେମାନ୍‌କର୍ ପରିବାର୍ ଭଲ୍ ସ୍ୱାସ୍ଥ୍ୟସେବା ପାଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଉତର୍‌ପ୍ରଦେଶ୍‌ନୁ ଆଲୁ ଘିନାଯିବା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବଢୁଥିବା ଆଲୁର ଚାହିଦାକେ ପୁରା କର୍‌ବାର୍ ଲାଗି ଉତରପ୍ରଦେଶ୍‌ନୁ ଆଲୁ ଘିନାଯିବା ବଲି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର ଆଏଜ୍ ଭୁବ୍‌ନେଶ୍ୱର୍ ପାଖର୍ ଆଇଗିଣିଆ ଆଲୁ ଗୁଦାମ୍‌କେ ଯାଇକରି ଥିତିର୍ ଯାଂଚ୍ କରିଛନ୍ । ଇ ସମିଆଥି ସେ କହିଛନ୍ ଯେ, ଏଛେନ୍ ଯେତ୍‌କି ପରିମାଣ୍‌ର ଆଲୁ ଅଛେ ସେଟା ରାଜ୍ୟର୍ ୭ ଦିନର୍ ଚାହିଦା ପୁରା କରିପାର୍‌ବା । ଆଲୁ ପିଆଜ୍ ଉତ୍ପାଦନ୍ ସହେତେ ଶୀତଲ୍‌ଭଣ୍ଡାର୍ ନାଇଁଥିବାର୍‌ନୁ ଏନ୍ତା ପରିସ୍ଥିତି ସୃଷ୍ଟି ହେଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏବା ରଏବାର୍ ଦିନ ସଖାଲର୍ ୯ ବଜେ ଇ ବଛ୍‌ରର ପହେଲା ବଢ଼ି ପାଏନ୍ ଛଡ଼ାଯିବା । ଇଥିର୍‌ଲାଗି ଡେମ୍ କର୍ତୃପକ୍ଷଙ୍କର୍ ତର୍‌ଫୁ ପ୍ରସ୍ତୁତି ମୁଲ୍ କରାଯାଇଛେ । ତଲିଆ ଇଲାକାକେ ସତର୍କ ସୂଚ୍‌ନା ଦିଆଯାଇଥିବାର୍ ବେଲେ ଆଏଜ୍ ଡାକବାଜି ଯନ୍ତ୍ର ଜରିଏ ସତର୍କ କରାଯାଇଛେ । ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ସମ୍ବଲପୁର୍ ସମ୍ବାଦଦାତା)

ଶିକ୍ଷା ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ନ ଶିକ୍ଷା ସପ୍ତାହ ପାଳିତ୍ ହେଇଛେ । ଇ ଅବ୍‌ସରେ ୭ ଦିନ୍ ଧରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହଉଥିବାର୍ ବେଲେ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ସଙ୍ଗେ ଭଲ୍ ସମ୍ପର୍କ ଥାପ୍‌ନା ଆର୍ ବିଦ୍ୟାଳୟର୍ ଆନୁସଙ୍ଗିକ୍ ବ୍ୟବସ୍ଥା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଥିବାର୍ ପ୍ରତିଭାକେ ଲୋକଲୋଚନ୍‌କେ ଆନ୍‌ବାର୍ ଲାଗି ପ୍ରୟାସ୍ କରାଯାଉଛେ ।

ବୌଦ୍ଧ ମହାନଦୀ ଆଲ୍‌ତୀ ଘାଟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧର ମହାନଦୀ ଆଲ୍‌ତୀ ଘାଟ୍‌କେ ପର୍ଯ୍ୟଟନ୍ କ୍ଷେତ୍ରର୍ ମାଏନ୍‌ତା ଦାବି କରିକରି ଆଲ୍‌ତୀ କମିଟି ଜିଲ୍ଲାପାଳ୍ ଜେ. ସୋନାଲ୍‌ଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଇତାର୍‌ସହେତେ ଜଲ୍‌ସମ୍ପଦ୍, ପର୍ଯ୍ୟଟନ୍, ପୂର୍ତ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀଙ୍କର୍ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଦାବିପତ୍ର ଜିଲ୍ଲାପାଳ୍‌ଙ୍କୁ ଦିଆଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଉତର୍‌ବଙ୍ଗୋପ୍‌ସାଗର୍ ବାଂଲାଦେଶ୍ ସମୁଦ୍ର ଖଁଡ଼ି ନ ଲଘୁଚାପ୍ କେନ୍ଦ୍ରୀଭୂତ ହେଇଥିବାର୍ ବେଲେ ଇଟା ପଶ୍ଚିମ ଉତର୍ ପଶ୍ଚିମ ଦିଗ୍‌ଆଡ଼େ ଗତି କର୍‌ବା

ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇତାର୍ ପ୍ରଭାବ୍‌ଥି ଉତର୍ ଆର୍ ଉପକୂଲ୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୫ ଦିନ୍‌ତକ୍ ବର୍ଷା ଲାଗି ରହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେଆଡ଼େ ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ କଲାହାଣ୍ଡିକେ ଛାଡ଼ିଦେଲେ ବାକି ଜିଲ୍ଲାମାନ୍‌କେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ସତର୍କ କରେଇଛେ ।